**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**2 July– 2026**

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୮ଟି ବିଭାଗର ୧୨ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। କ୍ୟାବିନେଟ୍‌ରେ 'ଜ୍ଞାନୋଦୟ: ଶିକ୍ଷାରୁ ସମୃଦ୍ଧି' ଯୋଜନାରେ ଚଳିତ ଶିକ୍ଷାବର୍ଷରୁ ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୋଜନାର କାର୍ଯ୍ୟକାରିତା ପାଇଁ ପାଞ୍ଚ ବର୍ଷରେ ପ୍ରାୟ ୫ ହଜାର ୪୬୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ।

ଅବଶିଷ୍ଟ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଆଗାମୀ ୪ ବର୍ଷ ପାଇଁ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ ଲାଗି ୩ହଜାର ୫୦୬କୋଟି ୯୯ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । କ୍ୟାବିନେଟ୍‌ରେ ବିଭିନ୍ନ ସଡ଼କ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଥିବା ଶ୍ରୀମତୀ ଗର୍ଗ କହିଛନ୍ତି...

**V/O**

କଳାହାଣ୍ଡି ଜିଲ୍ଲା କେସିଙ୍ଗାର ଅମାଠ ଗ୍ରାମ ନିକଟ ତେଲନଦୀ ଅବବାହିକା ଏବଂ ବରଗଡ଼ ଜିଲ୍ଲା ଜାମୁତପଲ୍ଲୀ ଅଙ୍ଗ ନଦୀରେ ଆନ୍ତଃ ଜଳାଶୟ ନିର୍ମାଣ, ଓଡ଼ିଶା ଗଭୀର ସମୁଦ୍ରରେ ମାଛଧରା ମିଶନରେ ୨ହଜାର ୨୯୫କୋଟି ଟଙ୍କା ମଞ୍ଜୁର କରାଯାଇଛି । ରାଜ୍ୟର ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଓଡ଼ିଶା ରାଜ୍ୟ ଡାଟା ସେଣ୍ଟର ୨.୦ ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ୍ ଅନୁମତି ଦେଇଛି ।

## ସମୀକ୍ଷା ବୈଠକ

ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳକୁ ଚିଠା ଭୋଟର ତାଲିକା ଯାଞ୍ଚ କରି ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି। ଗତକାଲି ଅନୁଷ୍ଠିତ ସମୀକ୍ଷା ବୈଠକରୁ ଚିଠା ଭୋଟର ତାଲିକା ପ୍ରକାଶ ପରେ ଆସନ୍ତା ୫ ତାରିଖରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ ଏବଂ ନୂଆ ଭୋଟରଙ୍କ ନାମ ସଂଯୋଜନ ପାଇଁ ଫର୍ମ-୬, ନାମ ବାଦ୍ ପାଇଁ ଫର୍ମ-୭ ଏବଂ ସଂଶୋଧନ ପାଇଁ ଫର୍ମ-୮ ବ୍ୟବହାର କରାଯିବ ବୋଲି ଜଣାପଡିଛି।

## ବୈଦ୍ୟୁତିକ ଯାନ

ରାଜ୍ୟରେ ବୈଦ୍ୟୁତିକ ଯାନ-ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ଓଡ଼ିଶା ଇଲେକ୍ଟ୍ରୋନିକ ଭେଇକିଲ୍ ପଲିସି ୨୦୨୧ର ଅବଧିକୁ ଆସନ୍ତା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଅବଧି ବୃଦ୍ଧି ହେବା ଦ୍ୱାରା ବୈଦ୍ୟୁତିକ ଯାନ କ୍ରୟ କରୁଥିବା

ହିତାଧିକାରୀମାନେ ପୂର୍ବଭଳି ସରକାରୀ ସବ୍‌ସିଡି ଓ ଅନ୍ୟାନ୍ୟ ସୁବିଧା ପାଇପାରିବେ । ଏଥିସହ ପଞ୍ଜିକରଣ ଓ ସଡ଼କ ଟିକସ ଛାଡ ମଧ୍ୟ ମିଳିବ ।

## ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଭୟ ପରୀକ୍ଷା ୨୫୧ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ ।

## ନାମଲେଖା

ଚଳିତ ଶିକ୍ଷାବର୍ଷ ପାଇଁ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆଜି ପ୍ରକାଶ ପାଇବାକୁ ଥିବା ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ମେଧା ତାଲିକାକୁ ସ୍ଥଗିତ ରଖାଯାଇଛି। ସଂଶୋଧିତ ସମୟସୂଚୀ ଖୁବ୍‌ଶୀଘ୍ର ସାମ୍‌ସ ପୋର୍ଟାଲରେ ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲ୍ଲାସ୍ତରୀୟ ମେଳା ଉଦ୍‌ଯାପିତ

ନୟାଗଡ଼ରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଉଦ୍ୟମୀ ଓଡ଼ିଶା ଏମ୍.ଏସ୍.ଏମ୍.ଇ. ମେଳା–୨୦୨୬’ ଉଦ୍‌ଯାପିତ ହୋଇଛି । ଏଥିରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସରକାରଙ୍କ ବିଭିନ୍ନ ସହାୟତା, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଏବଂ ପିଏମ୍-ଏଫ୍‌ଏମ୍‌ଇ ଯୋଜନା ଅଧୀନରେ ଉପଲବ୍ଧ ଋଣ ସୁବିଧା ସମ୍ପର୍କରେ

ଉଦ୍ୟୋଗୀମାନଙ୍କୁ ସୂଚନା ଦିଆଯାଇଥିଲା । ସେହିପରି ବରଗଡ଼ ଓ ରାୟଗଡାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ବିକାଶ ଏବଂ ସ୍ଥାନୀୟ ଉଦ୍ୟୋଗୀଙ୍କୁ ସରକାରୀ ଯୋଜନାର ସୁବିଧା ସମ୍ପର୍କରେ ଅବଗତ କରାଯାଇଥିଲା ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧିକାରୀମାନଙ୍କୁ ସଠିକ୍ ଭାବରେ ଜନଗଣନା ସମ୍ପର୍କିତ ସୂଚନା ସଂଗ୍ରହ ପାଇଁ ଗୁରୁତ୍ୱ ଦେବାକୁ କୁହାଯାଇଛି ।

## ନିଶାମୁକ୍ତ ଓଡ଼ିଶା ଅଭିଯାନ

ନବରଙ୍ଗପୁର ଜିଲ୍ଲାରେ ପୋଲିସ ବିଭାଗ ପକ୍ଷରୁ 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ଅନ୍ତର୍ଗତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ନିଶାସେବନର କୁପ୍ରଭାବ ଓ ନିଶାମୁକ୍ତ ସମାଜ ଗଠନରେ ପୋଲିସ ଓ ସାଧାରଣ ଜନତାଙ୍କ ମିଳିତ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକର ହାରାମଣି ସରକାରୀ ଉଚ୍ଚବିଦ୍ୟାଳୟରେ କିଶୋର ନ୍ୟାୟ ଆଇନ ଏବଂ

ଶିକ୍ଷାର ଅଧିକାର ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

## ଫାଓ ଫୁଟବଲ ଲିଗ୍

ଓଡ଼ିଶା ଫୁଟବଲ ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଫାଓ ଫୁଟବଲ ଲିଗ୍ ଆରମ୍ଭ ହୋଇଛି । ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ୨୧ଟି ଦଳ ଅଂଶଗ୍ରହଣ କରିଛନ୍ତି ।

## ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ହେବା ନେଇ ମୟୁରଭଞ୍ଜ ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।